# ଜନ୍ମଭୂମି

କବି:ପଦ୍ମଚରଣ ଦାସ
ଶ୍ରେଣୀ:ଷଷ୍ଠ
ଚତୁର୍ଥ ଦିନ

**SUB-CONCEPTS:ପ୍ରକୃତିର ମାଦକତାରେ ଭରା ମୋଦେଶ ଭାରତ ଓ ଯାହାର ଅନ୍ନଜଳରେ ଗଢା ମୋ ଶରୀର... ।**

**ପୂର୍ବ ପାଠର ଆଲୋଚନା-**

୧.ଖଣି ଭିତରେ କ'ଣ ଥାଏ?
୨.ସାଗରରୁ କ'ଣ ମିଳେ ?
୩.ସୁନୀଳ ଆକାଶରେ କ'ଣ ଶୋଭାପାଏ ?
୪.କଳକଣ୍ଠରେ କିଏ ଗୀତ ଗାଏ ?





# କବିତାଂଶ

## ବ୍ୟାଖ୍ୟା:

ଯା'ର ଅନ୍ନ ଜଳ ଖାଇ ଶରୀର
ଜୀବିତ
ଯାହା ନାମେ ଧାରା ତଳେ ହୁଏ
ପରିଚିତ ॥
ଯାହାର ଗୌରବେ କେତେ ସୁଖର
ଉଦୟ
ଯାହାର ପତନେ ହୁଏ ପତନ ନିଶ୍ଚୟ
॥
ଦୂର ଦେଶେ ଥାଇ ଯାକୁ କରିଲେ
ସ୍ମରଣ
ଘଣ୍ଟି ହୁଏ ମନ,ଦୁଃଖେ ଝୁରଇ ନୟନ

# କବିତାଂଶ

## ବ୍ୟାଖ୍ୟା:

ଖୋଲି ଦେଖ ଇତିହାସ କେତେ ମହାବୀର
ସ୍ୱଦେଶ ମଙ୍ଗଳେ ଦେଇ ଅଛନ୍ତି ଶରୀର ।।
ନିଜ ସୁଖ ଶାନ୍ତି ଘର ପରିବାର ଭୁଲି
ଦ୍ୱାରେ ଦ୍ୱାରେ ବୁଲିଛନ୍ତି ଘେନି ଭିକ୍ଷାଝୁଲି ।।
ମୁଣ୍ଡଝାଳ ଗୋଡେ ମାରି ଲୋକଙ୍କ ମଙ୍ଗଳେ
ଲେଖି ଯାଇଛନ୍ତି ନାମ ଅକ୍ଷୟ ଅକ୍ଷରେ ।।
କାଳେ-କାଳେ ଲୋକମୁଖ ଘୋଷେ ତାଙ୍କ ନାମ
ଧନ୍ୟ ତାଙ୍କ ପିତା ମାତା ଧନ୍ୟ ଜନ୍ମସ୍ଥାନ ।।

- ଯାର ଭାତ ଜଳ ଖାଇ ମୁଁ ଶରୀର ଧାରଣ କରିଛି,ଯାହାର ନାମରେ ଏ ପୃଥିବୀରେ ମୁଁ ପରିଚିତ,ଯାହାର ଗୌରବରେ କେତେ ସୁଖ ଫୁଟି ଉଠେ,ଯାହାର ପତନରେ ମୋର ପତନ ଅବଶ୍ୟମ୍ଭାବୀ,ଦୂର ଦେଶରେ ଥାଇ ଯାହାକୁ ମନେପକାଇଲେ ମନ ଖାଲି ବିକଳ ହୁଏ,ଦୁଃଖରେ ଝୁରି ହେବାକୁ ପଡେ,ତାହା ପାଇଁ ଯେଉଁ ଲୋକ ଆପଣାର ରକ୍ତବିନ୍ଦୁ ଦାନ ନ କରେ,ସେ କୃତଘ୍ନ ପଶୁ ସହିତ ସମାନ ଅଟେ ।

- ଇତିହାସ ପୃଷ୍ଠା ଲେଉଟାଇଲେ ଜଣାପଡେ କେତେ ମହାନ ବୀର ନିଜ ଦେଶର ମଙ୍ଗଳ ପାଇଁ ଆପଣାର ଶରୀର ଦାନ କରିଛନ୍ତି । ନିଜର ସୁଖଶାନ୍ତି,ଘର, ପରିବାରକୁ ଭୁଲି ସେମାନେ ଭିକ୍ଷା ଥାଳି ଧରି ଘର ଘର ବୁଲିଛନ୍ତି । ଅନ୍ୟ ଲୋକଙ୍କର ମଙ୍ଗଳ ବିଧାନ ପାଇଁ ମୁଣ୍ଡ ଝାଳ ଗୋଡରେ ମାରି ଆପଣାର ନାମକୁ ଅମର ଅକ୍ଷରରେ ଲେଖିଯାଇଛନ୍ତି । ଲୋକମୁଖରେ ସର୍ବଦା ସେମାନଙ୍କ ନାମ ପ୍ରଚାରିତ ହୁଏ । ସେମାନଙ୍କ ପିତାମାତା ତଥା ଜନ୍ମସ୍ଥାନ ଧନ୍ୟ ବୋଲି ପ୍ରଚାରିତ ହୁଏ ।

ODM EDUCATIONAL GROUP

# କଠିନ ଶବ୍ଦର ଅର୍ଥ:

ଅନ୍ନ-ଭାତ
ସ୍ମରଣ-ମନେପକାଇବା
ସ୍ୱଚ୍ଛ-ନିର୍ମଳ
ସ୍ନିଗ୍ଧ-ଆରାମଦାୟକ
କୃତଘ୍ନ-ଯିଏ ଉପକାର ସ୍ୱୀକାର କରେନି
ଅକ୍ଷୟ-ଯାହା କ୍ଷୟ ହୁଏ ନାହିଁ
ଲୋକମୁଖ-ଲୋକମୁହିଁରେ

# ବ୍ୟାକରଣଗତ ଶବ୍ଦ:

ODM EDUCATIONAL GROUP

**ବିପରୀତ ଶବ୍ଦ:**

ଜୀବିତ-ମୃତ
ପରିଚିତ-ଅପରିଚିତ
ପତନ-ଉତଥାନ
କୃତଜ୍ଞ-କୃତଘ୍ନ
ମଙ୍ଗଳ-ଅମଙ୍ଗଳ

**ପ୍ରତିଶବ୍ଦ :**

ଶରୀର-ଅବୟବ,କାୟା
ରକ୍ତ-ଲହୁ,ଲୋତକ
ପିତା-ପିଅର,ତାତ

# ଗୃହକର୍ମ:

## କବିତାଟିକୁ ପଢ଼ି ତା'ର ସାରକଥା ଲେଖ ।

# THANKING YOU

# ODM EDUCATIONAL GROUP